# Akashvani, Sambalpur

# SAMBALPURI NEWS BULLETIN

## 19 January 2025- 6.47- 6.52 am.

*************************************************

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏଜ୍

ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ପ୍ରଧାନ୍‌ମନ୍ତ୍ରୀ ଆବାସ ଗ୍ରାମୀଣ        ଆର୍ଏନ୍‌ୟୁ/ କଟକ୍

ରାଏଜେ ଆଏବା ୨୨ ତାରିଖ୍‌ନୁ ପ୍ରଧାନ୍‌ମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜ୍‌ନା ଲାଗି ସର୍ବେକ୍ଷଣ୍ ମୁଲ୍ ହେବା । ଆବାସ ଯୋଜ୍‌ନାନୁ ବାଦ୍ ପଡ଼ିଥିବା ହିତାଧିକାରୀମାନ୍‌କୁ ଇ ସର୍ବେକ୍ଷଣ୍ ଜରିଏ ଚିହ୍ନଟ୍ କରାଯିବା । ଇଥିର୍‌ଲାଗି ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍ ଆର୍ ଜିଲ୍ଲା ପରିଷଦ୍ କାର୍ଯ୍ୟନିର୍ବାହୀ ଅଧିକାରୀମାନ୍‌କୁ ଚିଠି ଲେଖାଯାଇଛେ । ଇ ପ୍ରକ୍ରିୟା ଆଏବା ମାର୍ଚ୍ଚ ୩୧ ତାରିଖ୍‌ତକ୍ ଚାଲ୍‌ବା ।

ସିଙ୍ଗାପୁର୍ ରାଷ୍ଟ୍ରପତି-ଓଡ଼ିଶା        I&PR

ସିଙ୍ଗାପୁର୍ ରାଷ୍ଟ୍ରପତି ଥର୍ମନ୍ ସନ୍‌ମୁଗରତ୍ନମ୍‌ଙ୍କର୍ ଓଡ଼ିଶା ଗସ୍ତ ରାଜ୍ୟର୍ ଲାଗି ଗୁଟେ ବଡ଼ ସମ୍ଭାବନା ଆନିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସିଙ୍ଗାପୁର୍ ରାଷ୍ଟ୍ରପତିଙ୍କର୍ ୨ ଦିନିଆ ଗସ୍ତ ବାବ୍‌ଦେ ସାମ୍ବାଦିକ୍ ସମ୍ମିଳନୀଥି

ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଇ ଦୁଇଦିନ୍ ଭିତ୍‌ରେ ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍ ଜରିଏ ଶିଳ୍ପର୍ ଭିତିଭୂମି ବିକାଶ୍ ଆର୍ ଦକ୍ଷ ମାନବ୍ ସମ୍ବଲ୍ ପ୍ରସ୍ତୁତ୍ କର୍‌ବାର୍ ଦିଗେ ଓଡ଼ିଶା ଆର୍ ସିଙ୍ଗାପୁର୍ ଭିତ୍‌ରେ ୮ ଟା ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ଇତାର୍‌ଲାଗି ରାଏଜେ ଶିଳ୍ପର୍ ବିକାଶ୍ ହେବା ଆର୍ ୨୦୩୬ ବେଲ୍‌କେ ଓଡ଼ିଶା ସମୃଦ୍ଧ ହେଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସିଙ୍ଗାପୁର୍ ରାଷ୍ଟ୍ରପତି ଗଲାକାଏଲ୍ ପୁରୀ ଜିଲ୍ଲାର୍ ଐତିହ୍ୟ ଗାଁ ରଘୁରାଜ୍‌ପୁର୍ ଆର୍ କୋଣାର୍କ ସୂର୍ଯ୍ୟମନ୍ଦିର୍ ପରିଦର୍ଶନ୍ କରିଥିଲେ । ରଘୁରାଜ୍‌ପୁର୍‌ର ପଟ୍ଟଚିତ୍ର ଆର୍ କଲା ସହେତେ ସୂର୍ଯ୍ୟମନ୍ଦିର୍‌ର ସୂକ୍ଷ୍ମକାରୁକାର୍ଯ୍ୟ ଦେଖିକରି ସେ ଖୁସି ହେଇଥିଲେ ।

ଟୋଲ୍ ଗେଟ୍- ଇ-ଚାଲାଣ୍ ଆର୍‌ଏନ୍‌ୟୁ ସମ୍ବଲପୁର

ଗାଡ଼ି ମାନ୍‌କର୍ ବୀମା ନାଇଁଥିଲେ ଆଏବା ୨୨ ତାରିଖ୍‌ନୁ ଟୋଲ୍ ଗେଟ୍‌ନୁ ଇ-ଚାଲାଣ୍ କଟାଯିବା ବଲି ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବୀମା ନାଇଁଥିବା ଗାଡ଼ିମାନେ ଟୋଲ୍‌ଗେଟ୍ ନ ପହେଲାଥର୍ ଧରାପଡ଼୍‌ଲେ ୨

ହଜାର୍ ଟଙ୍କା ଲେଖା ଜରିମାନା କି ୩ ମାସ୍‌ତକ୍ ଜେଲ୍‌ଦଣ୍ଡର୍ ସମ୍ମୁଖୀନ୍ ହେବେ । ଯଦି ୨ ନମ୍ବର୍ ଥର୍ ଧରାପଡ଼୍‌ଲେ ୪ ହଜାର୍ ଟଙ୍କା ଜରିମାନା ଆର୍ ୩ ମାସ୍ ତକ୍ ଜେଲ୍ ହେଇପାରେ । ଗାଡ଼ି ଧରାପଡ଼୍‌ଲେ ଇ-ଡିଟେକ୍ସନ୍ ପ୍ରକ୍ରିୟା ଜରିଏ ଗାଡ଼ି ମାଲିକ୍‌ମାନ୍‌କର୍ ପାଖ୍‌କେ ଇ-ଚାଲାଣ୍ ପୁହୁଁଚିଯିବା ବଲି ପ୍ରାଧିକରଣ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପକ୍ଷୀ ଗନ୍‌ତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଚିଲିକା, ହୀରାକୁଦ୍ ଜଲ୍‌ଭଣ୍ଡାର୍, ଭିତର୍‌କନିକା, ମହାନଦୀର୍ ସାତକୋଶିଆ, ନୂଆପଡ଼ା ଜିଲ୍ଲାର୍ ତିଖାଲି ଆର୍ ଭିନ୍ ଭିନ୍ ଠାନେ ପକ୍ଷୀ ଗନ୍‌ତି କାମ୍ ଶେଷ୍ ହେଇଯାଇଛେ । ଜଙ୍ଗଲ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ, ଗଲାବଛର୍‌ନୁ ଇଥର ଚିଲିକାକେ ବିଦେଶୀ ପକ୍ଷୀ କମ୍ ଆସିଛନ୍, ହେଲେ ସେମାନ୍‌କର୍ ପ୍ରଜାତି ବଢ଼ିଛେ । ଇଥର ଚିଲିକାକେ ଶହେ ୯୬ ପ୍ରଜାତିର୍ ମୋଟ୍ ୧୧ ଲାଖ୍ ୨୭ ହଜାର୍ ୨ ଶହ ୨୮ ଟା ବିଦେଶୀ ପକ୍ଷୀ ଆସିଛନ୍ । ସେଥିର୍‌ଭିତ୍‌ରୁ ନଲବଣଠାନେ ମୋଟ୍ ୩ ଲାଖ୍ ୪୩ ହଜାର୍ ୨ ଶହ ୨୬ ବିଦେଶୀ ପକ୍ଷୀଙ୍କୁ ଦେଖ୍‌ବାର୍‌କେ

ମିଲିଥିଲା । ଗଲାବଛର୍ ଚିଲିକାକେ ଶହେ ୮୭ ଟା ପ୍ରଜାତିର୍ ୧୧ ଲାଖ୍ ୩୭ ହଜାର୍ ୭ ଶହ ୫୯ ଟା ବିଦେଶୀ ପକ୍ଷୀ ଆସିଥିଲେ ବଲି ଜଙ୍ଗଲ୍ ବିଭାଗ୍ ସୂଚ୍‌ନା ଦେଇଛେ । ସେନ୍ତା ବାକି ଇଲାକାର୍ ପକ୍ଷୀ ଗଣ୍‌ନା ତଥ୍ୟ ଦିନେ ଦୁଇ ଦିନ୍ ଭିତ୍‌ରେ ମିଲ୍‌ବା ବଲି ବିଭାଗ୍ କହିଛେ ।

ରାସନ୍ କାର୍ଡ୍ - ଇ-କେଓ୍ୱାସି ଆର୍‌ଏନ୍‌ୟୁ / ସମ୍ବଲପୁର

ରାସନ୍ କାର୍ଡ୍‌କେ ଚାଲୁ ରଖ୍‌ବାର୍ ଲାଗି ଇ ମାସର୍ ୩୧ ତାରିଖ୍‌ତକ୍ ଇ-କେଓ୍ୱାଇସି କର୍‌ବାର୍‌କେ ପଡ୍‌ବା । ଇ-କେଓ୍ୱାଇସି ପ୍ରକ୍ରିୟା ସର୍‌ଲା ଉତ୍‌ରୁ ନୂଆଁ ରାସନ୍ କାର୍ଡ୍ ଆବେଦନ୍ କର୍‌ବାର୍ ଲାଗି ପୋର୍ଟାଲ୍ ଖୁଲ୍‌ବା ବଲି ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ପାତ୍ର ଆହୁରି କହିଛନ୍, ୪୧ ଲାଖ୍ ହିତାଧିକାରୀ ଏବ୍‌ତକ୍ ଇ-କେଓ୍ୱାଇସି ଅପ୍‌ଡେଟ୍ ନାଇଁ କର୍‌ବାର୍ ତାଏଲ୍, ସେମାନେ ଇ-କେଓ୍ୱାଇସି ଅପ୍‌ଡେଟ୍ ନାଇଁ କଲେ ଯୋଜ୍‌ନାନୁ ବାଦ୍ ପଡ଼ିଯିବେ ।

ପୁସ୍ତକ୍ ମେଲା ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ପୁସ୍ତକ୍ ମେଳା ସମ୍ବଲ୍‌ପୁର୍‌କେ ସାରସ୍ୱତ୍ ନଗରୀ ଭାବେ ପରିଚିତ୍ କର୍‌ବାର୍‌କେ ଗୁଟେ ବର୍‌କସ୍ ଜରିଆ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ- ଏନ୍‌ବିଟି ଆର୍ ସେତୁ ଅନୁଷ୍ଠାନ୍ ତର୍‌ଫୁ ସହରର୍ ପିଏଚ୍‌ଡ଼ି ପଡ଼ିଆ ଠାନେ ହେଇଥିବା ପୁସ୍ତକ୍ ମେଳାକେ ଗଲାକାଏଲ୍ ଉଦ୍‌ଘାଟନ୍ କରିକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ସମ୍ବଲ୍‌ପୁର୍ ସହର୍ କଳା, ସଂସ୍କୃତି, ପରମ୍ପରା, ସାହିତ୍ୟର ଗୁଟେ କେନ୍ଦ୍ରସ୍ଥଲ୍ ଆଏ । ପଢ଼ାଲେଖା ଆର୍ ଅଭିବ୍ୟକ୍ତିର୍ ମହାନ୍ ପରମ୍ପରାର୍ ଝଲକ୍ ଆଏଜ୍ ଇ ପୁସ୍ତକ୍ ମେଳାଥି ଦେଖ୍‌ବାର୍‌କେ ମିଲ୍‌ଲା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇ ଉଧେ ଶ୍ରୀ ପ୍ରଧାନ୍ - ସ୍ୱର୍ଗତ ସୁଦର୍ଶନ୍ ପୂଜାରୀଙ୍କର୍ ୩ ଟା ବହି ସଙ୍ଗେ ଆଉ ଭିନ୍ ଭିନ୍ ବହି ଉନ୍ମୋଚନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍‌ଙ୍କର୍ ସହେତେ ବିଧାୟକ୍‌ମାନେ ଯୋଗ୍ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାରେ ଆଜି ୨ ଟି ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୬ ଟାରେ ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ ଏବଂ ଶ୍ରାଚି ରାଢ଼ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ହେବ । ଏହା ପରେ ରାତି ୮ ଟା ୧୫ ମିନିଟ୍‌ରେ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଏବଂ ଦିଲ୍ଲୀ ଏସ୍.ଜି ପାଇପର୍ସ ପୁରୁଷ ବର୍ଗରେ ମୁହାଁମୁହିଁ ହେବେ ।

ଗତକାଲି ରାଞ୍ଚିରେ ହୋଇଥିବା ମ୍ୟାଚ୍‌ରେ ୟୁପି ରୁଦ୍ରାସ୍ ଦଳ ୧-ଶୂନ୍ ଗୋଲ୍ ବ୍ୟବଧାନରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି । ସେହିପରି ହାଇଦ୍ରାବାଦ ତୁଫାନ୍ସ ୪-ଶୂନ୍ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି ।